୩ ଲୁଟେରା ଗିରଫ

ଖଣ୍ଡା, ବାଇକ୍ ଓ ଟଙ୍କା ଜବତ

ବ୍ରହ୍ମପୁର, (ସବ୍ୟୁ) : ସଦରଥାନା ପୋଲିସ ୩ ଜଣିଆ ଲୁଟେରା ଗ୍ୟାଙ୍ଗକୁ କାବୁ କରିଛି। ସୋମବାର ପୁଲିସ ସାନ୍ଧ୍ୟ ପେଟ୍ରୋଲିଂ କରୁଥିବା ବେଳେ ମାଷ୍ଟରମାଇଣ୍ଡ ଅନିଲ ସମେତ ୩ଜଣଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ଖଣ୍ଡା, ବାଇକ, ଛୁରୀ, ଲୁହା ପଞ୍ଜ, ମୁଖା ଓ ୭୫୦୦ ଟଙ୍କା ଜବତ କରାଯାଇଥିବା ପ୍ରଭୋସନ୍‌ରେ ଥିବା ଏସ୍‌ପି ସନତ ନୂତନ ସମ୍ବାଦ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ନୂଆ ବାଇଗଣବାଡି ଗାଁର ଅନିଲ ଗୌଡ, ପପୁନ ଗୌଡ ଓ କାଳିଆ ଗୌଡ ବୋଲି ପୁଲିସ ସୂଚନା ଦେଇଛି। ଘଟଣା ପ୍ରକାଶ ଯେ ରୋହିଗାଁ ର ସନାତନ ଜେନା ବ୍ରହ୍ମପୁରରେ କାମ କରୁଥିବା ବେଳେ ଗତ ୧୯ ତାରିଖ ରାତ୍ର ସେ ନିଜ ବାଇକରେ ଘରକୁ ଫେରୁଥିଲେ। ରାତ୍ର ୯ ଟା ବେଳେ ଟିକରପଡା-ନଳାହାଡ ଛକ ନିକଟରେ ୩ ଜଣ ଯୁବକ ତାଙ୍କୁ ଅଟକାଇ ଟଙ୍କା ମାଗିବା ସହ ମାଡ ମାରିଥିଲେ। ଏପରିକି ସନାତନଙ୍କ ବେକରେ ଖଣ୍ଡା ରଖି ତାଙ୍କ ପକେଟରେ ଥିବା ୧୦,୦୦୦ ହଜାର ଟଙ୍କା ଲୁଟି ନେଇ ଚମ୍ପଟ ମାରିଥିଲେ। ପରେ ସନାତନ ଏନେଇ ସଦରଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ ଚଳାଇ ଅନିଲକୁ କାବୁ କରିବା ପରେ ତା'ର ଅନ୍ୟ ୨ ସହଯୋଗୀଙ୍କୁ ଗିରଫ କରିଥିଲା। ଏହି ଗ୍ୟାଙ୍ଗ ଗତ କିଛି ମାସ ହେଲା ହିଞ୍ଜିଳିକାଟୁ, ଦିଗପହଣ୍ଡି ଓ ସଦରଥାନା ଇଲାକାରେ ଲୁଟତରାଜ ଜାରି ରଖିଥିଲେ ବୋଲି ପୁଲିସ ଜେରା ବେଳେ ଜାଣିବାକୁ ପାଇଛି। ଆଜି ସେମାନଙ୍କୁ କୋର୍ଟଚାଲାଣ କରିଥିବା ପୁଲିସ ସୂଚନା ଦେଇଛି।

ଘଟଗାଁ ପ୍ରେସ କ୍ଲବର ବନ୍ଧୁମିଳନ

ଘଟଗାଁ, (ସବ୍ୟୁ) : ଘଟଗାଁ ପ୍ରେସ କ୍ଲବର ଏକ ବନ୍ଧୁ ମିଳନ ନିକଟସ୍ଥ କାଳିମାଟି ଡ୍ୟାମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରେସ କ୍ଲବର ସଭାପତି ପ୍ରଦୀପ ସା,ଉପସଭାପତି ସମୀର ପ୍ରଧାନ, ସଂପାଦକ ଦିଲ୍ଲୀପ ମିଶ୍ର, ସହସଂପାଦକ ଯୋଗେଶ ପଣ୍ଡା, କୋଷାଧ୍ୟକ୍ଷ ନାରାୟଣ ପଲେଇ,ବରିଷ୍ଠ ସଦସ୍ୟ ଭୀମସେନ ବଳ,ସତ୍ୟବ୍ରତ ସାହୁ, ,ଛବିନ୍ଦ୍ର ଜେନା, ମହେନ୍ଦ୍ର ପାତ୍ର,ମନୋଜ ବିଶ୍ୱାଳ,ସଂଜୀବ ରାଉତ,ଭବାନୀ ଶଙ୍କର ମହାନ୍ତ,ଦେବାଶୀଷ ଜାଳ,ରଣଜିତ ମହାନ୍ତ,ଶେଷାନନ୍ଦନ ବଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରୀଗୁରୁକୁଳ ଶିକ୍ଷାନୁଷ୍ଠାନର ଚେୟରମ୍ୟାନ ସତ୍ୟବ୍ରତ ସାହୁ ଗ୍ରାମାଂଚଳ ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ଏଜୁକେସନ ମ୍ୟାନେଜମେଂଟ ଉପରେ ସମ୍ମାନସୂଚକ ପିଏଚଡି ପାଇଥିବାରୁ ଥାଇଲାଣ୍ଡର ବ୍ୟାଙ୍କକ ଠାରେ ଅନୁଷ୍ଠିତ କନଭୋକେସନ ପ୍ରୋଗ୍ରାମରେ ଡକ୍ଟର ଉପାଧି ପ୍ରଦାନ କରାଯାଇଛି। ଏଥି ପାଇଁ ସ୍ଥାନୀୟ ପ୍ରେସ କ୍ଲବ ତରଫରୁ ଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା

ବୁଗୁଡା ବନାଞ୍ଚଳରେ ଟଳିପଡିଲେ ଗଜରାଜ

ବୁଗୁଡା, (ସବ୍ୟୁ) : ବୁଗୁଡା ବନାଞ୍ଚଳରେ ଏକ ଗଜରାଜଙ୍କ ମୃତ୍ୟୁ ହୋଇଛି। ବୁଗୁଡା ବ୍ଲକ୍ ଗୌଡିଆବରୋଦା ଗାଁଠାରୁ କିଛି ଦୂରରେ ଅନ୍ଧାରୀ ପାହାଡ ନିକଟ ମାଟିଗଡିଆରେ ଏହି ଗଜରାଜଙ୍କ ମୃତ୍ୟୁ ହୋଇଛି। ଆଜି କିଛି ପିଲା କୋଳି ତୋଳିବାକୁ ସେଠାକୁ ଯାଇ ଏକ ବିରାଟକାୟ ହାତୀ ଶୋଇଛି ବୋଲି ଭୟପାଇ ଗ୍ରାମବାସୀଙ୍କୁ ଆସି କହିଥିଲେ। ଗାଁର କିଛିଲୋକ ବୁଗୁଡା ବନାଞ୍ଚଳକୁ ଖବର ଦେବା ସହ ଘଟଣାସ୍ଥଳକୁ ଯାଇ ହାତୀଟି ଶୋଇଛି ନା ମରିଛି ସନ୍ଦେହରେ ଥିଲେ। ବହୁ ସମୟ ଧରି ସେ ହଲଚଲ ନହେବା ଓ ନିଃଶ୍ୱାସପ୍ରଶ୍ୱାସ ନେଉନଥିବା ଦେଖି ହାତୀଟିର ମୃତ୍ୟୁ ହୋଇଯାଇଥିବା ଜାଣିପାରିଥିଲେ। ଖବର ପାଇ ବୁଗୁଡା ବନାଞ୍ଚଳ ଅଧିକାରୀ ଦୁଃଶାସନ ନାୟକ ଓ ଅନ୍ୟାନ୍ୟ ବନ କର୍ମଚାରୀ ଘଟଣାସ୍ଥଳକୁ ଯାଇ ସନ୍ଧ୍ୟାରେ ପହଞ୍ଚିଥିଲେ। ହାତୀଟି ସେଠାରେ ପଡି ମରିଯାଇଥିବା କହିଛନ୍ତି ବୁଗୁଡା ସେକ୍ସନର ବନପାଳ ସୁକାନ୍ତ ପଟ୍ଟନାୟକ। ଏହା ଏକ ଦନ୍ତାହାତୀ ହୋଇଥିବା ବେଳେ ଏହାର ବୟସ ୩୫ରୁ ୪୦ବର୍ଷ ହେବ ବୋଲି କହିଛନ୍ତି ବନାଞ୍ଚଳ ଅଧିକାରୀ। ଦନ୍ତାଟିର ମୃତ୍ୟୁ କେଉଁ କାରଣରୁ ହୋଇଛି ତାହା ଅସ୍ପଷ୍ଟ ରହିଛି କିନ୍ତୁ ତା'ର ବାମଗୋଡ ଆଣ୍ଠୁରେ ଆଘାତ ଲାଗିଥିବା ଠଉରାଇଛନ୍ତି ବନ କର୍ମଚାରୀ। ଖବର ଜାଣିବା ପରେ ଦକ୍ଷିଣ ଘୁମୁସର ବନଖଣ୍ଡ ଦାୟିତ୍ୱରେ ଥିବା ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଆଶିଷ ବେହେରା ଘଟଣାସ୍ଥଳ ଅଭିମୁଖେ ବାହାରିଥିଲେ ବି ଘଟଣାସ୍ଥଳରେ ଏହି ରିପୋର୍ଟ ଲେଖାହେବା ଯାଏଁ ପହଞ୍ଚି ପାରିନାହାଁନ୍ତି। ହାତୀଟି କିଛିଦିନ ହେଲା ଏହି ଅଞ୍ଚଳରେ ବୁଲୁଥିବା ସ୍ଥାନୀୟ ଲୋକେ କହୁଥିବା ବେଳେ ଗଜରାଜଙ୍କ ମୃତ୍ୟୁ ଗତକାଲି ନା ଆଜି ଘଟିଛି ତାହା ନେଇ ସନ୍ଦେହ ପ୍ରକାଶ ପାଇଛି।

ଆଧାର ହାଉସିଂ ଫାଇନାନ୍ସ ଲିମିଟେଡ୍

Aadhar Housing Finance Ltd

କର୍ପୋରେଟ କାର୍ଯ୍ୟାଳୟ: ୨୦୧, ଭଜେହା ଟାଓ୍ୱାର-୧, ଶାମରାଓ ବିଠଲ୍ ବ୍ୟାଙ୍କ ନିକଟ, ଭାକୋଲା, ନେହେରୁ ରୋଡ୍, ସାନ୍ତାକ୍ରୁଜ୍ (ପୂର୍ବ), ମୁମ୍ବାଇ - ୪୦୦୦୫୫,
ବାଲେଶ୍ୱର ଶାଖା : ବିରେନ୍ଦ୍ର ଭନ୍‌କ୍ଲେଭ, ୨ୟ ମହଲା, ୮୯୧(ପି), ଭାସ୍କରଗଞ୍ଜ, ଷ୍ଟେସନ ଛକ, ବାଲେଶ୍ୱର - ୭୫୬୦୦୧ (ଓଡିଶା)
ଭୁବନେଶ୍ୱର ଶାଖା : ୨ୟ ମହଲା, ୪୫-୪୬, ଅଶୋକ ନଗର, ଜନପଥ, ଭୁବନେଶ୍ୱର - ୭୫୧୦୦୯ (ଓଡିଶା)

ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୩ (୧) ଅନୁଯାୟୀ ନୋଟିସ।

ନିମ୍ନସ୍ୱାକ୍ଷରକାରୀ ଆଧାର ହାଉସିଂ ଫାଇନାନ୍ସ ଲିମିଟେଡ୍ (ଏଏଚ୍‌ଏଫ୍‌ଏଲ) ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (କଥିତ ଆକ୍ଟ) ଅନୁଯାୟୀ ଋଣଗ୍ରହୀତାଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରି ଧାରା ୧୩ (୧୨) ଆକ୍ଟ ଏବଂ ରୁଲ୍ ୩ରେ ଦିଆଯାଇଥିବା ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ ୨୦୦୨ ଧାରା ଅନୁଯାୟୀ ନୋଟିସ ମାଧ୍ୟମରେ ନିମ୍ନରେ ଦିଆଯାଇଥିବା ନିମ୍ନଲିଖିତ ତାରିଖ ସୁଦ୍ଧା ଧାର୍ଯ୍ୟ ଋଣ ପରିଶୋଧ କରିବାକୁ କୁହାଯାଇଥିଲା। ତେଣୁ ପୁନଶ୍ଚ ଋଣଗ୍ରହୀତାଙ୍କୁ କୁହାଯାଉଛି ଯେ, ଏହି ଡିମାଣ୍ଡ ନୋଟିସ୍ ପ୍ରକାଶନର ୬୦ ଦିନ ମଧ୍ୟରେ ନିମ୍ନରେ ବର୍ଣ୍ଣାଯାଇଥିବା ରାଶି, ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଏଏଚ୍‌ଏଫ୍‌ଏଲ ନିକଟରେ ପଇଠ କରନ୍ତୁ, ଯାହାକି ସମ୍ପୃକ୍ତ ଋଣପତ୍ରର ଚୁକ୍ତି ଅନୁଯାୟୀ ଋଣଗ୍ରହୀତା ଅଙ୍ଗୀକାର ବଦ୍ଧ ଏବଂ ଏହି ଅନୁଯାୟୀ ନିମ୍ନବର୍ଣ୍ଣିତ ସମ୍ପତ୍ତି ଏଏଚ୍‌ଏଫ୍‌ଏଲ ନିକଟରେ ବନ୍ଧକ ରଖାଯାଇଛି।

କ୍ର. ନଂ.	ଋଣଗ୍ରହୀତା/ସହ-ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କ ନାମ	ଡିମାଣ୍ଡ ନୋଟିସ୍ ତାରିଖ ଏବଂ ବକେୟା ରାଶି	ସୁରକ୍ଷିତ ସମ୍ପତ୍ତିର ବିବରଣୀ (ସ୍ଥାବର ସମ୍ପତ୍ତି)
୧.	(ଲୋନ୍ ଆପ୍ଲିକେସନ ନଂ.୦୦୧୭୬୫୪୮ ବାଲେଶ୍ୱର ଶାଖା) ଉତ୍ସାନନ୍ଦ ବେହେରା (ଋଣଗ୍ରହୀତା) ବସନ୍ତ କୁମାର ବେହେରା (ସହ-ଋଣଗ୍ରହୀତା)	୧୦.୦୧.୨୦୧୯ ଟ.୭,୧୨,୫୦୪/-	ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.: ୩୩୧/୧୫୮୨, ଖାତା ନଂ.: ୪୧୮, ପ୍ଲଟ ନଂ.: ୩୩୧/୧୬୦୯, ଖାତା ନଂ.: ୪୨୮, ମୌଜା: ଓକରା, ଅନୁପାଳ, ଭଦ୍ରକ, ଜିଲ୍ଲା : ଭଦ୍ରକ, ଓଡିଶା-୭୫୬୧୧୬
୨.	(ଲୋନ୍ ଆପ୍ଲିକେସନ ନଂ.୦୦୦୬୩୬୨୬ ବାଲେଶ୍ୱର ଶାଖା) ସରୋଜ କୁମାର ସିଂହ (ଋଣଗ୍ରହୀତା) ରାଇବାରୀ ସିଂହ (ସହ-ଋଣଗ୍ରହୀତା)	୧୦.୦୧.୨୦୧୯ ଟ.୧୧,୬୦,୫୭୬/-	ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.: ୨୭୮/୩୧୬, ଖାତା ନଂ.: ୬୮/୮, ମୌଜା: ପଟ୍ଟିପାଳ, ଥାନା : ରେମୁଣା, ବାଲେଶ୍ୱର, ଜିଲ୍ଲା : ବାଲେଶ୍ୱର, ଓଡିଶା -୭୫୬୦୧୯।
୩.	(ଲୋନ୍ ଆପ୍ଲିକେସନ ନଂ.୦୦୧୭୬୩୦୨ ଭୁବନେଶ୍ୱର ଶାଖା) ହଳଧର ସାହୁ (ଋଣଗ୍ରହୀତା) ଭଳି ସାହୁ (ସହ-ଋଣଗ୍ରହୀତା)	୧୦.୦୧.୨୦୧୯ ଟ.୯,୫୮,୮୧୯/-	ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.: ୨୦୮/୧୧୫୯, ଖାତା ନଂ.: ୧୫୬/୩୫୧, ମୌଜା: ରାମଚନ୍ଦ୍ରପୁର, ଘସିପୁରା, କେନ୍ଦୁଝର, କେନ୍ଦୁଝରଗଡ଼, ଓଡିଶା-୭୫୮୦୨୨।

ଯଦି ଋଣଗ୍ରହୀତା ଏଏଚ୍‌ଏଫ୍‌ଏଲ ର ଋଣ ପଇଠ କରିବାରେ ବିଫଳ ହୁଅନ୍ତି, ତେବେ ଏଏଚ୍‌ଏଫ୍‌ଏଲ ବନ୍ଧକ ଦିଆଯାଇଥିବା ସମ୍ପତ୍ତିକୁ ଧାରା ୧୩(୪) ଆକ୍ଟର ପ୍ରଯୁଜ୍ୟ ରୁଲ ଅନୁଯାୟୀ ଏହାର ଫଳାଫଳ ନିମିତ୍ତ ଋଣଗ୍ରହୀତା ସମ୍ପୂର୍ଣ୍ଣ ଦାୟୀ ରହିବେ। ଋଣଗ୍ରହୀତା ଉକ୍ତ ସମ୍ପତ୍ତିକୁ ବିକ୍ରି, ଲିଜ୍ କିମ୍ବା ଅନ୍ୟମାଧ୍ୟମ ଦ୍ୱାରା ହସ୍ତାନ୍ତରିତ କରି ପାରିବେ ନାହିଁ। ଯଦି କୌଣସି ବ୍ୟକ୍ତି ଏହି ଆକ୍ଟ ଏବଂ ଧାରାକୁ ଅମାନ୍ୟ କରନ୍ତି ଅଇନଗତ ଆକ୍ଟ ଅନୁଯାୟୀ ଯାହା ପ୍ରଯୁଜ୍ୟ ବୋଲି ମନେହେବ ଏପରିକି ଜୋରିମାନା ଏବଂ ଜେଲ ଦଣ୍ଡରେ ଦଣ୍ଡିତ ହୋଇପାରନ୍ତି।

ତାରିଖ: ୨୨.୦୧.୨୦୧୯
ସ୍ଥାନ : ଭୁବନେଶ୍ୱର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଆଧାର ହାଉସିଂ ଫାଇନାନ୍ସ ଲିମିଟେଡ୍

ସଡ଼କ ଦୁର୍ଘଟଣାରେ ଦୁଇ ମୃତ

ପୋଲସରା, (ସବ୍ୟୁ) : ସଡ଼କ ଦୁର୍ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି। ସୋମବାର ସନ୍ଧ୍ୟାବେଳେ ଏଠାରୁ ପ୍ରାୟ ଦୁଇ କିଲୋମିଟର ଦୂର ପେଟ୍ରୋଲ ଟାଙ୍କି ନିକଟରେ ଦୁଇଜଣ ଯୁବକ ସଡ଼କ ଉପରେ ପଡିଥିବା ଏବଂ ସେମାନଙ୍କ ଉପରେ ଗୋଟିଏ ବାଇକ୍ ପଡିଥିବା ସ୍ଥାନୀୟ ଦମକଳ କେନ୍ଦ୍ରକୁ ସୂଚନା ମିଳିଥିଲା। ଫଳରେ ପୋଲସରା ଅଗ୍ନିଶମ ବାହିନୀ କର୍ମଚାରୀମାନେ ସଂଗେ ସଂଗେ ଘଟଣାସ୍ଥଳକୁ ଯାଇଥିଲେ। କିନ୍ତୁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଉଭୟଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡିଥିଲା। ତେବେ ଦୁର୍ଘଟଣା କେମିତି ଘଟିଲା ଏବଂ କିଏ ଦୁର୍ଘଟଣା ଘଟାଇଲା ସଠିକ୍ ଭାବେ ଜଣାପଡିନାହିଁ। ଦୁର୍ଘଟଣାର ଶିକାର ହୋଇଥିବା ଯୁବକମାନଙ୍କର ପରିଚୟ ମିଳିନଥିଲେ ମଧ୍ୟ କୋଦଳା ଅଞ୍ଚଳର ବୋଲି ସୂଚନା ମିଳିଛି।

ଶ୍ରେଣୀ ଗୃହର ଅଭାବ ବାରଣ୍ଡାରେ ଛାତ୍ରଛାତ୍ରୀ

କୋଦଳା, (ସବ୍ୟୁ) : ଗଞ୍ଜାମ ଜିଲ୍ଲା ବେଗୁନିଆପଡା ବ୍ଲକ୍‌ରେ ଶିକ୍ଷା ବ୍ୟବସ୍ଥା ଭୁଶୁଡିବାରେ ଲାଗିଛି। ଏହି ବ୍ଲକ୍‌ର ମର୍ଦ୍ଦକୋଟ ପଞ୍ଚାୟତର ଓଡନଗରେ ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି। ଓଡନଗ ଗ୍ରାମରେ ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶ୍ରେଣୀ ଗୃହ ନାହିଁ। ଯାହା ଫଳରେ ଶିକ୍ଷକ, ଶିକ୍ଷୟିତ୍ରୀ ବାଧ ହୋଇ ପିଲାଙ୍କୁ ବାରଣ୍ଡାରେ ପଢାଉଥିବା ଦେଖିବାକୁ ମିଳିଛି। ସର୍ବଶିକ୍ଷା ଅଭିଯାନ ମାଧ୍ୟମରେ ସରକାର ଶ୍ରେଣୀଗୃହ ନିର୍ମାଣ କରୁଛନ୍ତି, କିନ୍ତୁ ଏଠାକାର ଅଭାବ ଅସୁବିଧା ସମ୍ପର୍କରେ ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟିଆକର୍ଷଣ କରିବା ସତ୍ତ୍ୱେ ବି କୌଣସି ସୁଫଳ ମିଳୁନାହିଁ। ବିଦ୍ୟାଳୟର ମଧ୍ୟାହ୍ନଭୋଜନ ରୋଷେଇ ଘର ତିଆରି ସରିଥିଲା ବେଳେ ଉକ୍ତ ଘର ହସ୍ତାନ୍ତର ହୋଇ ନପାରିବାରୁ ବାରଣ୍ଡାରେ ରୋଷେଇ କରୁଥିବା ଦେଖିବାକୁ ମିଳିଛି। ସ୍କୁଲରେ ଶୌଚାଳୟ ନଥିବାରୁ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜୋଷୀ ଶିକ୍ଷାଧିକାରୀ ଏଥିପ୍ରତି ନଜର ଦେଇ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି।

ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ

ବ୍ରହ୍ମପୁର, (ସବ୍ୟୁ) : ଶିବାନନ୍ଦନଗର ସ୍ଥିତ ମା' ସରସ୍ୱତୀ ବିଦ୍ୟା ମନ୍ଦିର ପରିସରରେ ନେସ୍‌ନାଲ ଫାୟର୍ ଏଣ୍ଡ ଏରାକ୍ୟୁସନ୍ ଡେ ଅବସରରେ ଜାତୀୟ ଅଗ୍ନିନିର୍ବାପକ ମକ୍‌ଡ୍ରିଲ ଜିଲ୍ଲା ଅଗ୍ନିଶମ ଅଧିକାରୀ ସନାତନ ମହାପାତ୍ରଙ୍କ ଅଧ୍ୟକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଗ୍ନିନିର୍ବାପକ ବାହିନୀର ସମସ୍ତ କର୍ମକର୍ତ୍ତା ଯୋଗଦେଇ ଘରେ ଗ୍ୟାସ ଲାଗିଲେ କିଭଳି ସେଥିରୁ ସୁରକ୍ଷା ପାଇପାରିବା, ତଳ ମହଲାରେ ନିଆଁ ଲାଗିଲେ ଉପର ମହଲା ଲୋକଙ୍କୁ ସୁରକ୍ଷା ଦେଇପାରିବା, କୂଅଁରେ କେହି ପଡିଥିଲେ ସେଥିରୁ ତାଙ୍କୁ ବଞ୍ଚିତ କରିବା, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କୁ ଉଦ୍ଧାର କରିବା ଭଳି ପ୍ରାୟ ୧୫ରୁ ୨୦ ଟି ବିପଦଜନକ ପରିସ୍ଥିତିରୁ ଲୋକଙ୍କୁ ଉଦ୍ଧାର କରି ବଞ୍ଚାଇ ପାରିବା ସେ ନେଇ ଛାତ୍ରଛାତ୍ରୀଙ୍କୁ ମକ୍‌ଡ୍ରିଲ ମାଧ୍ୟମରେ ବୁଝାଇଥିଲେ। ସେହିପରି ବିଦ୍ୟାମନ୍ଦିରର ଶିଶୁ ମାନଙ୍କୁ ବିଭିନ୍ନ ଅଗ୍ନିନିର୍ବାପକ ଯନ୍ତ୍ରପାତି ମାଧ୍ୟମରେ ସୁରକ୍ଷା ପ୍ରଣାଳୀ ଗୁଡିକ ଅଗ୍ନିଶମ କର୍ମଚାରୀମାନେ ପ୍ରଦର୍ଶନ କରିଥିଲେ। ତତ୍‌ସହିତ ଶିଶୁମାନେ ମଧ୍ୟ ଘରେ ନିଆଁ ଲାଗିଗଲେ ନିଜ ଅଭିଭାବକଙ୍କୁ କିଭଳି ସୁରକ୍ଷା ଦେଇପାରିବେ ଶିଶୁ ମାନଙ୍କ ଦ୍ୱାରା ଅଭ୍ୟାସ କରାଇଥିଲେ। ଉକ୍ତ ମକ୍‌ଡ୍ରିଲରେ ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ଗୌରୀଶଙ୍କର ପାତ୍ର, ବିଦ୍ୟାମନ୍ଦିର ପରିଚାଳନା ସମିତିର ସହସମ୍ପାଦକ ଜୟରାମ ସ୍ୱାଇଁ, ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଗଣ ଉପସ୍ଥିତ ରହି ଶିଶୁ ଭାଇଭଉଣୀମାନଙ୍କୁ ଉତ୍ସାହିତ କରାଇଥିଲେ।

ନିଶ୍ଚିତ ଦୁର୍ଘଟଣାରୁ ରକ୍ଷା ପାଇଲା ମୁଜାଫରପୁର-ଯଶୋବନ୍ତପୁର ଏକ୍ସପ୍ରେସ୍

ଖଲ୍ଲିକୋଟ, (ସବ୍ୟୁ) : ଏକ ବଡ଼ଧରଣର ଟ୍ରେନ ଦୁର୍ଘଟଣାରୁ ବର୍ତ୍ତିଯାଇଛି ମୁଜାଫରପୁର-ଯଶୋବନ୍ତପୁର ଏକ୍ସପ୍ରେସ୍। ଟ୍ରେନ୍ ନମ୍ବର ୧୫୨୨୮ ମୁଜାଫରପୁର-ଯଶୋବନ୍ତପୁର ଏକ୍ସପ୍ରେସ ଖଲ୍ଲିକୋଟ ଷ୍ଟେସନରେ ରହଣି ନଥିବା ବେଳେ ଆଜି ସକାଳ ପ୍ରାୟ ସାଢେ ୧୦ଟାରେ ଖଲ୍ଲିକୋଟ ଷ୍ଟେସନ ଅତି ଦ୍ରୁତ ବେଗରେ ପାର ହୋଇଥିଲା। ତେବେ ଷ୍ଟେସନ ପାର ହେବାବେଳେ ଟ୍ରେନ୍ ବ୍ରେକ ପାଇପରୁ ପ୍ରବଳ ବେଗରେ ଧୂଆଁ ବାହାରୁଥିବା ଦେଖିବାକୁ ପାଇଥିଲେ ରେଳ କର୍ମଚାରୀ। ଷ୍ଟେସନ ମାଷ୍ଟର ପ୍ରିୟବ୍ରତ ବେହେରା ତୁରନ୍ତ ଟ୍ରେନ ଡ୍ରାଇଭରଙ୍କୁ ଫୋନ୍ ଯୋଗେ ଖବର ଦେଇଥିଲେ। ଖଲ୍ଲିକୋଟ ଷ୍ଟେସନ ଠାରୁ ପ୍ରାୟ ୪କିଲୋମିଟର ଯିବା ପରେ ଟ୍ରେନ୍ ଅଟକିଥିଲା। ତୁରନ୍ତ ଗାଡିଟି ରହିଥିବା ନିଆଁଲିଭା ଯନ୍ତ୍ର ସାହାଯ୍ୟରେ ବ୍ରେକ୍ ପାଇପରୁ ବାହାରୁଥିବା ଧୂଆଁକୁ ବନ୍ଦ କରାଯାଇଥିଲା। ବ୍ରେକ୍ ପାଇପ୍ ଚକାରେ ଘଷି ହୋଇ ଗରମ ହୋଇଯିବା ସହ ସେଥିରୁ ଧୂଆଁ ବାହାରୁଥିବା ଜଣାପଡିଥିଲା। ଯଦି ଏହାକୁ କେହି ଦେଖିପାରିନଥାନ୍ତେ ତା'ହେଲେ ଏହା ଅତ୍ୟଧିକ ଗରମ ହୋଇ ନିଆଁ ବ୍ୟାପିଯାଇଥାନ୍ତା। ଖଲ୍ଲିକୋଟ ଷ୍ଟେସନରେ ରେଳ କର୍ମଚାରୀଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଏକ ନିଶ୍ଚିତ ଟ୍ରେନ୍ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲା। ଟ୍ରେନ୍ ପ୍ରାୟ ୩୦ ମିନିଟ୍ ଅଟକିବା ପରେ ଗନ୍ତବ୍ୟ ସ୍ଥଳକୁ ଯାଇଥିଲା।

ବାଲିଗୁଡ଼ାରେ କନ୍ଧମାଳ ସାଂସଦଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦଘାଟିତ

ବାଲିଗୁଡ଼ା, (ସବ୍ୟୁ) : କନ୍ଧମାଳ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଦିନିକିଆ ବାଲିଗୁଡ଼ା ଗସ୍ତରେ ଆସି ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଉଦଘାଟନ କରିଛନ୍ତି। କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସହରକୁ ଗସ୍ତରେ ବିଭିନ୍ନ ପ୍ରକଳ୍ପର ଶୁଭ ଉଦଘାଟନ କରିଛନ୍ତି। ପ୍ରଥମେ ଗାୟତ୍ରୀ ମନ୍ଦିର ପରିସରରେ କନ୍ଧମାଳ ସାଂସଦ ପାଣ୍ଠି ପ୍ରଦତ୍ତ କଲ୍ୟାଣୀ ମଣ୍ଡପକୁ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀସିଂ କରକମଳରେ ଉଦଘାଟନ କରିଥିଲେ ପରେ ନୂଆସାହିସ୍ଥିତ କରାଳ ଦେବୀ ମନ୍ଦିର, ଗୋଷ୍ଠୀ କେନ୍ଦ୍ର, ପାଟଖଣ୍ଡା ବିଦ୍ୟାପୀଠ ପାଚେରୀ ନିର୍ମାଣ, ନୂଆସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରୋଷେଇ ଗୃହ, ଶିକ୍ଷାନିକେତନ ପାଚେରୀ, ଭଗାମୁଣ୍ଡା ମହାମାୟୀ ମନ୍ଦିର ଗୋଷ୍ଠୀ କେନ୍ଦ୍ର, ନୃସିଂହ ମନ୍ଦିର ଗୋଷ୍ଠୀ କେନ୍ଦ୍ର, ପାଟଖଣ୍ଡା ପବ୍ଲିକ ସ୍କୁଲ ପାଚେରୀ, ଏବଂ ଦଣ୍ଡପଦର ଧବଳେଶ୍ୱର ମନ୍ଦିରର ହାଇମାକ୍ସ ଆଲୋକ ପଦ୍ଧତିର ଉଦଘାଟନ କରିଥିଲେ। ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ରାଜ୍ୟରେ ବିଜେଡି ସରକାର ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶାସନରେ ବିଭିନ୍ନ ଜନ କଲ୍ୟାଣ ଯୋଜନା କାର୍ଯ୍ୟକାରୀ ହେଉଛି ଏହା ଗରିବ ଲୋକଙ୍କ ପାଇଁ ଯୋଜନାର ଲାଭ ପାଇପାରିବେ ସେଥିପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି। କନ୍ଧମାଳ ଜିଲ୍ଲା ର ବିଭିନ୍ନ ଅଞ୍ଚଳରେ ସାଂସଦ ପାଣ୍ଠିରୁ ଲୋକ ମାନଙ୍କ ସାମୂହିକ ବିକାଶ ପାଇଁ କାର୍ଯ୍ୟ କରାଯାଉଛି ବୋଲି ସାଂସଦ କହିଛନ୍ତି।

ବଡଜାମୁପଶି ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ

ଘଟଗା, (ସବ୍ୟୁ) : ଘଟଗାଁ ବ୍ଲକ ଅର୍ନ୍ତଗତ ବଡଜାମୁପଶି ଗ୍ରାମ ପଂଚାୟତରେ ସରକାରଙ୍କ ପିଠା କାର୍ଯ୍ୟକ୍ରମ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ କିପରି ଲୋକଙ୍କ ଠାରେ ପହଁଚିପାରିବ ସେ ସଂପର୍କରେ ସଚେତନତା କରାଯାଇଥିଲା। ବଡଜାମୁପଶି ସରପଂଚ ଜେମାମଣି ସିଦ୍ଧୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଂଚାୟତ ସମିତି ଉପାଧ୍ୟକ୍ଷ ବଲ୍ଲଭ ଦଳେଇ,ବ୍ଲକ ଜିପିଇଓ ଚିତ ରଂଜନ ନାୟକ, ପ୍ରମୁଖ ଯୋଗ ଦେଇ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ମଧୁବାବୁ ପେନସନ ଯୋଜନାରେ ୮୦ଜଣଙ୍କୁ ଅର୍ନ୍ତଭୁକ୍ତ କରାଯାଇଥିଲା। ୧୦ଜଣ ପରିବାରକୁ ବିଜୁଳି ସଂଯୋଗ ଯୋଜନାରେ ସୁବିଧା ଦିଆଯାଇଥିଲା। ୧୨୦୦ ପରିବାରକୁ ଏକଲଡି ବଲବ ବଂଟନ କରାଯାଇଥିଲା। ଗ୍ରାମୀଣ ଆବାସ ଯୋଜନାରେ ୩୬ଜଣଙ୍କୁ, ସୁନେତ୍ର ଯୋଜନାରେ ଜଣକୁ, ବାଣୀଶ୍ରୀ କୃତୀରେ ୫ଜଣଙ୍କୁ ,ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୧୦ଜଣ ହିତାଧିକାରୀଙ୍କୁ ସୁବିଧା ଯୋଗାଇ ଦିଆଯିବ ବୋଲି ସରପଂଚ ଶ୍ରୀମତୀ ସିଧୁ ପ୍ରକାଶକରିଥିଲେ। ଏହି କାର୍ଯ୍ୟକ୍ରମରେ ପଂଚାୟତର ମହିଳା ମିଶନଶକ୍ତି, କର୍ମକର୍ତ୍ତା, ବିଜୁ ଯୁବବାହିନୀ କର୍ମକର୍ତ୍ତା, ଅଙ୍ଗନବାଡିକର୍ମୀ, ସ୍ୱାସ୍ଥ୍ୟ କର୍ମୀ ସମେତ ବଡଜାମୁପଶି, ଦେହୁରୀପଶି, ମୁର୍ଗାପାହାଡି, କୁଣ୍ଡାପିଠା,ନକବିଲ୍ଲା, ବାଇଗଣପାଦ ଗ୍ରାମର ଜନସାଧାରଣ ଯୋଗ ଦେଇଥିଲେ। ସେହିପରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ବିଭିନ୍ନ ପ୍ରକାର ପିଠା ବଂଟନ କରାଯାଇଥିଲା। ପଂଚାୟତ ନିର୍ବାହୀ ଅଧିକାରୀ ପଙ୍କଜ କୁମାର ବେହେରା,ଯୋଗାଣ ସହାୟକ ଚିତ ରଂଜନ ବାରିକ, ପଂଚାୟତ କର୍ମଚାରୀ ଜୟଦେବ ଦଳେଇ, ଜଗଦିଶ ବାରିକ, ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ଭୀମଦା ଉଚ୍ଚ ବିଦ୍ୟାଳୟର ୮୩ ବ୍ୟାଚର ବନ୍ଧୁମିଳନ

ବଡସାହି, (ସବ୍ୟୁ) : ବଡସାହି ବ୍ଲକ ଅଧୀନ ଭୀମଦା ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ଏକ ବନ୍ଧୁ ମିଳନ ଉତ୍ସବ ଗଙ୍ଗାହାର ନଦୀ କୂଳରେ ଅନୁଷ୍ଠିତ ହୋଇଯାଇଛି। ସ୍ୱବ୍ରତ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୮୩ ବ୍ୟାଚର ୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏକତ୍ରିତ ହୋଇଥିଲେ। ଲକ୍ଷ୍ମୀଧର ରୋଉ, ରମେଶ ଚନ୍ଦ୍ର ପଣ୍ଡା, ପ୍ରଶାନ୍ତ ବେହେରା, ସନ୍ତୋଷ କୁମାର ତରେଇ, ରଘୁନାଥ ବେହେରା, ଗୋପାଳକୃଷ୍ଣ ସାହୁଙ୍କ ସମେତ ବହୁ ପୁରାତନ ଛାତ୍ର ଉପସ୍ଥିତ ଥିଲେ। ପ୍ରଶାନ୍ତ କୁମାର ବେହେରା କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ।

ବାଉଁଶଲୁଣ୍ଡି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭଞ୍ଜନଗର, (ସବ୍ୟୁ) : ନିକଟସ୍ଥ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାଉଁଶଲୁଣ୍ଡିରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶଙ୍କର୍ଷଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଭଞ୍ଜନଗର ପଂଚାୟତ ସମିତି ଉପାଧ୍ୟକ୍ଷ ଜିତେନ୍ଦ୍ର କେଶରୀ ଆରୁଖ ମୁଖ୍ୟଅତିଥି, ବାଉଁଶଲୁଣ୍ଡି ଗ୍ରାମ ପଂଚାୟତ ସରପଂଚ ଶ୍ରୀମତୀ ଶକ୍ତିଲତା ନାଇକ, ସମ୍ମାନୀତ ଅତିଥି ସରକାରୀ ଓକିଲ ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ଶୂଳପାଣୀ ଶତପଥୀ, ପ୍ରାକ୍ତନ ସରପଂଚ ଲିଙ୍ଗରାଜ ଆରୁଖ, ପ୍ରାକ୍ତନ ଭଞ୍ଜନଗର ବ୍ଲକ ଅଧ୍ୟକ୍ଷ ଭବାନୀ ଶଙ୍କର ପ୍ରଧାନ ଓ ବିଦ୍ୟାଳୟର ପୁରାତନ ପ୍ରଧାନଶିକ୍ଷକ ରାମଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ ନେଇ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ପିତାମାତାଙ୍କ ଭୂମିକା କୁ ନେଇ ଅତିଥିମାନେ ଆଲୋଚନା କରିଥିଲେ। ଉଚ୍ଚ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଆସନ ସମସ୍ୟା ସମାଧାନ ପାଇଁ ମୁଖ୍ୟଅତିଥି ଶ୍ରୀ ଆରୁଖ ପ୍ରତିଶ୍ରୁତି ଦେଇଥିଲେ। ଗୁଣାତ୍ମକ ଶିକ୍ଷାର ସମସ୍ତ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ପ୍ରାଞ୍ଜଳ ଭାବେ ଛାତ୍ରଛାତ୍ରୀଙ୍କ ନିକଟରେ ଉପସ୍ଥାପନ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ମଂଜୁଳା ଗୌଡ଼ ବାର୍ଷିକ ବିବରଣୀ ପାଠ କରିଥିବା ସମୟରେ ସହକାରୀ ଶିକ୍ଷୟିତ୍ରୀ ଯୁଗ୍ମତା ତ୍ରିପାଠୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ପୂର୍ବରୁ ଆୟୋଜିତ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ବଂଟନ କରିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମକୁ ସହଯୋଗ କରିଥିବାବେଳେ ଶଙ୍କର୍ଷଣ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା।

MCL ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍

(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ : www.mahanadicoal.in

ଇ-ଟେଣ୍ଡର ନୋଟିସ୍

ମହାନଦୀ କୋଲ୍‌ଫିଲ୍‌ଡସ ଲିମିଟେଡ୍‌ର ନିମ୍ନଲିଖିତ ଇ-ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଇ-ଟେଣ୍ଡର ପୋର୍ଟାଲ (https://coalindiatenders.nic.in) ରେ ପ୍ରଦର୍ଶିତ କରାଯାଇଛି ଏବଂ ଏହା ମଧ୍ୟ କେନ୍ଦ୍ରୀୟ ସାର୍ବଜନୀନ ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ (https://eprocure.gov.in)ରେ ଦିଆଯାଇଛି। ଅଧିକ ବିବରଣୀ ପାଇଁ ଦୟାକରି ଏହି ୱେବ୍‌ସାଇଟ୍‌କୁ ପରିଦର୍ଶନ କରନ୍ତୁ।

କ୍ରମ ସଂ.	ଟେଣ୍ଡର ଆଇଡି	କାର୍ଯ୍ୟ/ଟେଣ୍ଡର ନାମ	ଟେଣ୍ଡର ମୂଲ୍ୟ (in Rs.)
1	2019_MCL_127028_1	Day to day cleaning and sweeping of Kalyan Mandap at NSCH colony CH Area Talcher (for a period of two years)	317538.00
2	2019_MCL_127046_1	Construction of room for providing milk and hot water to the NSCH patients in free of cost, CH Area, Talc her(Re-Tender)	426404.00
3	2019_MCL_127203_1	Day to day upkeeping of Ph-I, Ph-II of WTP and Intake Well cum pump house at IWSS, Lingaraj Area (for a period of one year).	805682.00
4	2019_MCL_127204_1	Supplying of water to water scarce villages Jandabahal and Satapatia Sahi of Talcher Sub-division for the year 2019 (Package-IX) under CSR work, Lingaraj Area.	1091447.00
5	2019_MCL_127205_1	Supplying of water to water scarce villages Balunga Khamar, Anandapur, Soubhagya Nagar and Talbema of Talcher Sub-division for the year 2019 (Package-I) under CSR work, Lingaraj Area.	1114020.00
6	2019_MCL_127207_1	Supplying of water to water scarce villages Bidyadharpur, Dayanidhipur, New Dayanidhipur, Doblin and Pramod Prasad of Talcher Sub-division for the year 2019 (Package-V) under CSR work, Lingaraj Area.	1117014.00
7	2019_MCL_127206_1	Supplying of water to water scarce villages Kandhal Hadi Sahi, Anadipur and Madanmohanpur (Khajuria Sahi and Gopal Sahi) of Talcher Sub-division for the year 2019 (Package-IV) under CSR work, Lingaraj Area.	1190606.00
8	2019_MCL_127221_1	Construction of toilet at Kuchedega high school, under CSR scheme of Basundhara Area	495589.00
9	2019_MCL_127234_1	Comprehensive Annual Maintenance Contract of Integrated Communication Network of MCL COALNET	1262600.00
10	2019_MCL_127252_1	Procurement of Reflective Vest Non EN-471 Harness (Cotton Clothes)	294600.00
11	2019_MCL_127304_1	Supply of spares for BEML BH 50 M Dumpers and BD 355 Dozer.	1659303.00
12	2019_MCL_127318_1	Supplying of water to water scarce villages Scotlandpur Harijana Sahi, Kankili G.P., Manikmara, Krishnachandrapur, Rasalpur, Dasarathapur and Ekadashipur of Talcher Sub-division for the year 2019 (Package-VI) under CSR work, Lingaraj Area.	1196134.00
13	2019_MCL_127319_1	Supplying of water to water scarce villages Balijodi, Kakudi and Biharipur of Talcher Sub-division for the year 2019 (Package-X) under CSR work, Lingaraj Area.	1007259.00
14	2019_MCL_127320_1	Supplying of water to water scarce villages Kishoripal, Hariharpur and Gunthabahal of Talcher Sub-division for the year 2019 (Package-XI) under CSR work, Lingaraj Area.	1114941.00
15	2019_MCL_127321_1	Supplying of water to water scarce villages Bherubania, Ramachandrapur, Kantanali and Similpal of Talcher Sub-division for the year 2019 (Package-XII) under CSR work, Lingaraj Area.	1119087.00
16	2019_MCL_127365_1	Supplying of water to water scarce villages Kandhal, Langijoda and Jadunathpur of Talcher Sub-division for the year 2019 (Package-III) under CSR work, Lingaraj Area.	1591045.00
17	2019_MCL_127366_1	Supplying of water to water scarce villages Kankili (Part-A) and Sainali of Talcher Sub-division for the year 2019 (Package-XIII) under CSR work, Lingaraj Area.	1132331.00
18	2019_MCL_127367_1	Supplying of water to water scarce villages Kankili (Part-B) and Kalandi Prasad of Talcher Sub-division for the year 2019 (Package-XIV) under CSR work, Lingaraj Area.	1812283.00
19	2019_MCL_127368_1	Supplying of water to water scarce villages Dharampur and Khairapal of Talcher Sub-division for the year 2019 (Package-VIII) under CSR work, Lingaraj Area.	727631.00
20	2019_MCL_127415_1	Construction of approach Road /Ramp and Cabin Room for additional 02 nos. 100 T Static Road Weighbridge at Garjanbahal OCP of Basundhara Area	3690691.00
21	2019_MCL_127442_1	Supply and installation of PC/Server/Printer/Scanner/ UPS for installation of SURPAC software.	227000.00
22	2019_MCL_126914_1	PROCUREMENT OF PORTABLE LIGHTING SYSTEM	1327500.00
23	2019_MCL_127507_1	Temporary supply of water through Water Tanker to the Villages Hariharpur Kaniha block, Dumuduma Sadashivpur Godibandha Hospital and Pabitrapur New Balanda under Jagannath Area for the year 2019.PKG-4	1869686.00
24	2019_MCL_127508_1	Temporary supply of water through Water Tanker to the Villages Chatei Hutting,South Balanda Bagadhar Mundasahi Khandualbahal under Jagannath Area for the year 2019.PKG-5	1258201.00
25	2019_MCL_127529_1	Hiring of One (1) Jeep (Bolero/ Sumo or its equivalent) fitted with AC for B(W)OCP shift duty for 12 hrs per day duty for two years at Basundhara Area (682 days)(2800km per month run)	685410.00
26	2019_MCL_127534_1	Temporary supply of water through Water Tanker to the Villages Diajharan,Tentulei,Bhanja Colony and Gurudwar Adibasi Nua Sahi under Jagannath Area for the year 2019. For 120 days PKG-6	1855413.00
27	2019_MCL_127303_1	Spraying of water over coal transportation road from Milan chowk to MGR siding of LKP OCP at Lakhanpur Area	3180052.00
28	2019_MCL_127310_1	Repair and maintenance of road, drain, boundary wall and NRBs of Ganesh Nagar (R and R) of LKP OCP at Lakhanpur Area	5074317.00
29	2019_MCL_127378_1	Day to day work of pumps and pipelines for dewatering of coal face, tanker loading and fire fighting for 02 years at Samaleswari OCP, IB Valley Area.	3020038.00
30	2019_MCL_127396_1	Day to day handling, shifting and laying of power cable (exceeding 1.1 KV but not exceeding 11 KV grade) during shifting of field switches of shovels, drills, draglines, other equipments in various parts of mine at LOCP for 2 years (610 days), IB Valley.	1589975.00
31	2019_MCL_127524_1	Day to day erection and dismantling of light fittings, LT Overhead conductor and pole at Coal face, haul road, CHP coal stock yard, coal Transportation Road, OB Face, OB dump yard, siding and magazine of LOCP, IB Valley Area for 02 years (730 Days).	1975450.00
32	2019_MCL_127608_1	PROCUREMENT OF DIFFERENT TYPES OF HYDRAULIC HOSES	109023.00
33	2019_MCL_127605_1	Supply of water to villages Raghunathapur and Biraramchandrapur in Talcher Subdivision for the year 2019-20 for Talcher Area (Package II) 120 days	868178.00
34	2019_MCL_127614_1	Supply of Spares for Auto Fire Detection and Supression System.	3944899.00
35	2019_MCL_127625_1	Repairing/Reconditioning of 20 Nos. Track Roller (Pt No. W19450102), 02 Nos. Front Idler Assly (Pt No. W19450104), and 02 Nos. Drive sprocket (Pt No. F0528) of REL-650 Drill Sl No.-809 working at Hingula OCP, Hingula Area.	377207.00
36	2019_MCL_127654_1	PROCUREMENT OF COMPUTER CONSUMABLES	138444.00
37	2019_MCL_127705_1	PROCUREMENT AND INSTALLATION OF 4 TONNE TOWER AIR CONDITIONER	50000.00
38	2019_MCL_127618_1	Hiring of One (1) Jeep (Bolero/ Sumo or its equivalent) fitted with AC for pool duty for 12 hrs per day duty for two years at Basundhara Area (682 days)(2800km run per month)	711326.00
39	2019_MCL_127650_1	Hiring of one(1) Camper/ Pick up or equivalent cabin seat 2 plus 1 or more and minimum 1 (one) Ton Load capacity in rear load body for 12 hrs per day duty at B(W)OCP for two years at Basundhara Area (682 days).(2800km run per month)	650628.00
40	2019_MCL_127706_1	Hiring of one(1) Camper/ Pick up or equivalent cabin seat 2 plus 1 or more and minimum 1 (one) Ton Load capacity in rear load body for 12 hrs per day duty for Siarmal OCP for two years at Basundhara Area (682 days).(2800km run per month)	683160.00
41	2019_MCL_127755_1	Procurement of Steel Wire Rope.	292000.00
42	2018_MCL_124990_1	Procurement Of 05 Nos Diesel powered, self-propelled, tyre mounted water sprinkler of 28KL Capacity With Mist System including design, manufacture, delivery, erection,commissioning and performance testing.	81568725.00
43	2019_MCL_127728_1	Supply of water to villages Brajnathapur and Radharamanpur in Talcher Subdivision for the year 2019 for Talcher Area (Package III) 120 days	897178.00
44	2019_MCL_127786_1	PROCUREMENT OF OUTDOOR CHILDREEN PLAY EQUIPMENTS	358557.00
45	2019_MCL_127739_1	Supply of Spares for WS-28 Water Sprinkler.	281082.00
46	2019_MCL_127710_1	CONSUMABLE ITEMS.	251420.00
47	2019_MCL_127021_1	Supply of CT Scan for NSCH,Talcher.	77585.00
48	2019_MCL_127615_1	PROCUREMENT OF OPERATOR SEATS	563450.00
49	2019_MCL_127624_1	PROCUREMENT OF HOSES FOR HEMM	206902.00
50	2019_MCL_127718_1	SUPPLY , INSTALLTION, COMMISSIONING OF MICROPROCESSOR BASED TRANSFORMER PROTECTION SYSTEM SUITABLE FOR 5MVA TRANSFORMER	2135800.00
51	2019_MCL_127648_1	Supply of Dental Materials and appliances etc for NSCH,Talcher.	155645.00
52	2019_MCL_127862_1	PROCUREMENT OF UNBALANCED MOTOR EXCITER AND BEARING FOR FEEDER	1308694.00
53	2019_MCL_127687_1	Comprehensive Annual Maintenance Contract of Air Conditioners, Refrigerators and D Freeze at Lingaraj Area for a period of one year	1151705.00
54	2019_MCL_127854_1	Repairing of Lower Rollers assly 16 Nos, part no.4386649 for EX1200, Hyd. Excavator at Jagannath Colliery of Jagannath Area	392880.00
55	2019_MCL_127762_1	Supply of drinking water to peripheral villages Kherulbahal and Lechuapada under BOCM of Lakhanpur Area for a period of one year.	1298944.00
56	2019_MCL_127832_1	Day to day dismantling, erection and diversion of 3.3 KV and 6.6 KV Overhead lines, poles, conductors, insulators, Stay Sets, G.I. Wire for Shovel, drill, dragline and other Places of LOCP, IB Valley Area for 02 years (730 Days).	4679280.00
57	2019_MCL_127911_1	Cleaning of spillage coal,coal dust,muck,debris etc from walkway (both sides),deck plate transfer point,bunker discharge platform,chute opening platform,tail drums,feeder breakers etc of 01 circuit of CHP for a period of 02 year/730 days/1460 shifts	626267.00
58	2019_MCL_127883_1	Making temporary cause road at Mandapal sand mine under Talcher Colliery	650453.00
59	2019_MCL_127903_1	Supply of Spares for Ex-350 Hyd. Excavator.	84903.00
60	2019_MCL_127908_1	PROCUREMENT OF COMPLETE FLUID COUPLINGS	873600.00
61	2019_MCL_127963_1	PROCUREMENT OF ELECTRICAL PROTECTIVE DEVICES	358761.00
62	2019_MCL_128016_1	Hiring of One (1) Jeep(Scorpio/ Xylo or equivalent) fitted with AC for office of the Deputy Director of Mines Rourkela for 12 hrs per day duty for one year for Basundhara Area(341 days).(2800km run per month)	287248.00
63	2019_MCL_128021_1	PROCUREMENT OF FAN PULLEY HUB FOR THE ZOOMLION DOZER	75845.00
64	2019_MCL_127953_1	Operation of all quarry pumps and siding pump for dewatering of coal face, dust suppression and tanker loading for a period of 02 years (730 Days) at SOCP, IB Valley Area.	4683030.00
65	2019_MCL_127601_1	Procurement of Printers	9726151.00
66	2019_MCL_127947_1	Annual Maintenance Contract for Electrical Maintenance, repairing and Breakdown work of residential quarters and non residential establishment including street lights for a period of one year under administrative control of CWS(X), Talcher.	1786517.00
67	2019_MCL_127995_1	Procurement of Spares for Gear Box Vishwa make for Nandira Colliery MCL Talcher Area.	1131284.00

ଏମ୍‌ସିଏଲ୍ ଇ-ପ୍ରୋକ୍ୟୁରମେଣ୍ଟ ସହାୟତା କେନ୍ଦ୍ର (ଫୋନ୍ ୦୬୬୩-୨୫୪୨୭୮୪/୨୫୪୨୨୨୪)-ଇ-ମେଲ୍ - hlp-eproc.mcl@coalindia.in

ଆମର ଆପ୍ ପ୍ରାପ୍ତ କରିବା ପାଇଁ ଟୋଲ୍ ଫ୍ରୀ ନମ୍ବର ୧୮୦୦ ୨୦୦ ୩୦୦୪ରେ ଏକ ମିସ୍‌ଡ କଲ୍ କରନ୍ତୁ!

(R-4880)